ସର୍ବସାଧାରଣ
sarbasadharana

02nd Mar, 2021

# ଆଇଆଇଟିରେ ଜାତୀୟ ବିଜ୍ଞାନ ଦିବସ



ଜଟଣୀ(ଆପ୍ର): କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନ ଆଇଆଇଟି ଭୁବନେଶ୍ୱରର ଜଟଣୀସ୍ଥିତ ଅରଗୁଳ କ୍ୟାମ୍ପରେ ଜାତୀୟ ବିଜ୍ଞାନ ଦିବସ ଆୟୋଜିତ ହୋଇଯାଇଛି। ଆଇଆଇଟି ନିର୍ଦ୍ଦେଶକ ପ୍ରଫେସର ଆର.ଭି ରାଜାକୁମାରଙ୍କ ଅଧକ୍ଷତାରେ ଏହି ଦିବସ ଆୟୋଜନ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଏମ୍ସର ପ୍ରାକ୍ତନ ନିର୍ଦ୍ଦେଶକ ପ୍ରଫେସର ଅଶୋକ କୁମାର ମହାପାତ୍ର ଯୋଗଦେଇ ଆଇଆଇଟି ବିଦ୍ୟାର୍ଥୀଙ୍କ ଲାଗି ଏକ ପଥ ବୋଲି କହିଥିଲେ। ବିଜ୍ଞାନ କିପରି ଏକ ଭଲ ଭବିଷ୍ୟତ ପାଇଁ ଜୀବନକୁ ପରିବର୍ତ୍ତନ କରିବାରେ ସକ୍ଷମ ହୋଇଛି, ସେ ସମ୍ବନ୍ଧରେ ବିଭିନ୍ନ ମନ୍ତବ୍ୟ ରଖିଥିଲେ। ବିଜ୍ଞାନ ମାଧ୍ୟମରେ ଇସ୍ରୋ ବୈଜ୍ଞାନିକମାନେ ଉପଗ୍ରହରେ ଉତ୍କ୍ଷେପଣ କରି ଯେଉଁ ପ୍ରସଂଶା ସାଉଣ୍ଟିଛନ୍ତି, ତାହା ଅନ୍ୟ ଦେଶ ପାଇଁ ଭାରତୀୟ ମହାକାଶ ବିଜ୍ଞାନରେ ନୂତନ ଯୁଗର ଦ୍ୱାର ଖୋଲିଯାଇଛି। ଆଇଆଇଟି ଭୁବନେଶ୍ୱର ନିଜର ସ୍ୱପ୍ନ ସାକାର କରିବା ଦିଗରେ ନିରନ୍ତର କାର୍ଯ୍ୟ ଅବ୍ୟାହାତ ରହିଛି। ଏହି କାର୍ଯ୍ୟକ୍ରମ ଅବସରରେ ଆଇଆଇଟିର ଫାକଲ୍ଟିମେମ୍ବର, କର୍ମଚାରୀ ଏବଂ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ।